# ଆଇଏମ୍‌ଏ ଏବଂ ଏଏଚ୍‌ପିଆଇ ୟୁଜି ଏବଂ ପିଜି ମେଡିକାଲ୍ ସିଟ୍‌ରେ ସମାନତା ଆଣିବା ପାଇଁ 'ସେଭ୍ ଦି ଡକ୍ଟର' ଅଭିଯାନରେ ଡାକ୍ତରମାନଙ୍କୁ ସହାୟତା ପ୍ରଦାନ କରିବ

ବାଙ୍ଗାଲୋର: ଇଣ୍ଡିଆନ୍ ମେଡିକାଲ୍ ଆସୋସିଏସନ୍ ଏବଂ ଆସୋସିଏସନ୍ ଅଫ୍ ହେଲ୍‌ଥ ପ୍ରୋଭାଇଡର୍‌ସ ଇଣ୍ଡିଆ ଏବଂ ଦେଶର ବିଭିନ୍ନ ଡାକ୍ତରୀ ଛାତ୍ର ପ୍ରତିନିଧି ମେଡିକାଲ୍ ସିଟ୍‌ରେ ସମାନତା ଆଣିବା ପାଇଁ 'ସେଭ୍ ଦି ଡକ୍ଟର' ଅଭିଯାନ ନିମନ୍ତେ ଡାକ୍ତରମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ଘୋଷଣା କରିଛନ୍ତି। ଏହି ଗଣ ଅଭିଯାନର ଲକ୍ଷ୍ୟ ହେଉଛି ପଲିସି ନିର୍ମାତାଙ୍କୁ ପ୍ରଭାବିତ କରିବା ସହିତ ଦେଶରେ ଥିବା ଡାକ୍ତରୀ ଅନୁଷ୍ଠାନଗୁଡ଼ିକୁ ସହାୟତା ପ୍ରଦାନ କରିବା। ଦେଶରେ ୨ ରୁ ୩ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଏହି ଅଭିଯାନଟିକୁ ସ୍ୱାଗତ କରିଛନ୍ତି। ଡାକ୍ତରୀ ବିଭାଗର ଯେକୌଣସି ପୋଷ୍ଟଗ୍ରାଜୁଏଟ୍ କରୁଥିବା ଜଣେ ଡାକ୍ତର ଗାଇନୋକୋଲୋଜିଷ୍ଟ, ନ୍ୟୁରୋଲୋଜିଷ୍ଟ, ସର୍ଜନ୍, ରେଡିଓଲୋଜିଷ୍ଟ ଇତ୍ୟାଦି ଭାବରେ ନିଜକୁ ପ୍ରତିଷ୍ଠା କରିପାରିବେ। ଆଜି ଭାରତରେ ବିଭିନ୍ନ ଡାକ୍ତରୀ ଶିକ୍ଷାନୁଷ୍ଠାନମାନଙ୍କରେ ଉପଯୁକ୍ତ ସଂଖ୍ୟାରେ ପିଜି ସିଟ୍‌ର ଅଭାବ ହେତୁ ସ୍ପେଶିଆଲିଷ୍ଟ ଡାକ୍ତରମାନଙ୍କର ଅଭାବ ରହିଛି। ଅବଶ୍ୟ ଭାରତରେ ସର୍ବାଧିକ ମେଡିକାଲ୍ ଶିକ୍ଷାନୁଷ୍ଠାନ ରହିଛି। ଏହି ପିଜି ଓ ୟୁଜି ଛାତ୍ରମାନଙ୍କ ପାଇଁ

ଗ୍ରାମା ଲରେ ତାଙ୍କର ଇ ର୍ଣସିପ୍ କରିବାକୁ ବାଧ୍ୟତାମୂଳକ କରାଯିବା ତଥା ନିର୍ଦ୍ଧାରିତ କରାଯାଇଥିବା ସିଟ୍ ମଧ୍ୟରେ ତାରତମ୍ୟ ରହିବା ଦ୍ୱାରା ଅନେକ ଯୁବ ଡାକ୍ତର ପ୍ରଭାବିତ ହେବେ। ଯାହା ଜଣାଯାଉଛି ଆଗାମି ଦିନରେ ଯଦି ଏହିପରି ଚାଲେ ଆମର ସ୍ୱାସ୍ଥ୍ୟବସ୍ଥାରେ ଯଥେଷ୍ଟ ବିପଦ ରହିଛି କାରଣ ବରିଷ୍ଠ ସ୍ପେଶିଆଲିଷ୍ଟ ଡାକ୍ତର/ ସର୍ଜନମାନେ କିଛି ଦିନ ମଧ୍ୟରେ ଅବସର ଗ୍ରହଣ କରିବେ ଏବଂ ଯାହା ଫଳରେ ସ୍ପେଶିଆଲିଷ୍ଟ ଡାକ୍ତର/ ସର୍ଜନମାନଙ୍କର ଅଭାବ ଦେଖାଦେବ। ଡଃ ଦେବୀ ସେଠୀ, ଟ୍ରେଜରର୍, ଏଏଚ୍‌ପିଆଇ ଏ ବିଷୟରେ କହିଛନ୍ତି ଏହା ଏକ ଦୁଃଖର ବିଷୟ ଯେ ପ୍ରାୟ ଦୁଇ ଲକ୍ଷ ଯୁବ ଡାକ୍ତରମାନେ ସେମାନଙ୍କର ସମୟଗୁଡ଼ିକୁ ରୋଗୀ ସେବା କରିବା ପରିବର୍ତ୍ତେ ମଲ୍‌ଟିପୁଲ୍ ଚଏସ୍ ପ୍ରଶ୍ନର ଉ ର ଦେବା ପାଇଁ କୋଚିଂ ନେଉଛନ୍ତି। ଏହି ଯୁବ ଡାକ୍ତରମାନେ ଉପଯୁକ୍ତ ପରିସ୍ଥିତିରେ ନିଶ୍ଚିତ ଭାବରେ ଆମର ଲୋକମାନଙ୍କୁ ପ୍ରଦାନ କରାଯାଉଥିବା ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି

ଆଣିପାରିବେ। ସେ ମଧ୍ୟ କହିଥିଲେ ଯେ ପ୍ରତ୍ୟେକ ଭାରତୀୟ ପରିବାର ତାଙ୍କର ପିଲାକୁ ଡାକ୍ତର ଭାବରେ ଦେଖିବାର ସ୍ୱପ୍ନ ଦେଖିଥାନ୍ତି କିନ୍ତୁ ଆଜିର ଦିନରେ ଏହା ଏକ

ବ୍ୟୟବହୁଳ ଓ ଜଟିଳ ପ୍ରକ୍ରିୟାରେ ପରିଣତ ହୋଇଛି। ଏମ୍‌ସିଆଇ ଦ୍ୱାରା ନିଆଯାଇଥିବା ଏକ ବଳିଷ୍ଠ ପଦକ୍ଷେପରେ ୪୫,୬୦୦ ୟୁଜି ସିଟ୍‌କୁ ଖୁବ୍ ନିକଟରେ ୫୦,୦୦୦ କରାଯିବାକୁ ଅଛି ଯେଉଁଠାରେ କି କେବଳ ମାତ୍ର ୧୨,୦୦୦ ପିଜି ସିଟ୍‌କୁ ଅଧିକାଂଶ ଡାକ୍ତରମାନେ ବାଛିଥାନ୍ତି। ଏହାକୁ ଯଦି ତୁଳନା କରାଯାଏ ବିକାଶଶୀଳ ଦେଶ ଯଥା ଆମେରିକାରେ ୧୯୦୦୦ ୟୁଜି ସିଟ୍ ଏବଂ ୩୨୦୦୦ ପିଜି ସିଟ୍ ଓ ଫେଲୋସିପ୍ ସିଟ୍ ରହିଛି। ଉ ୀର୍ଣ ହାର ୮୦% ରୁ ୯୦% ସହିତ ପ୍ରତ୍ୟେକ ବର୍ଷ ୪୦୦୦୦ ଗ୍ରାଜୁଏଟ୍ ଡାକ୍ତର ଆସୁଛନ୍ତି ଏବଂ ସେମାନେ ତାଙ୍କର ଲକ୍ଷ ଲକ୍ଷ ସିନିୟର ତଥା ବ୍ୟାଚ୍‌ମେଟ୍‌ଙ୍କ ସହିତ ମାତ୍ର ୧୨୦୦୦ ସିଟ୍ ମଧ୍ୟରେ ସ୍ଥାନ ପାଇବା ନିମନ୍ତେ ପ୍ରତିଯୋଗୀତା କରୁଛନ୍ତି। ଏନ୍‌ଇଇଟି ଅଧୀନରେ ଗତ ଥର ଅନୁଷ୍ଠିତ ହୋଇଥିବା ପିଜି ପ୍ରବେଶିକା ପରୀକ୍ଷାରେ ୧,୧୦,୦୦୦ ଡାକ୍ତରମାନେ ଏହି ୧୨୦୦୦ ସିଟ୍ ମଧ୍ୟରେ ସ୍ଥାନ ପାଇବା ପାଇଁ ପରୀକ୍ଷାରେ ଭାଗ ନେଇଥିଲେ। ଏହା ସହିତ ୧ ବର୍ଷର




ବାଧ୍ୟତାମୂଳକ ଗ୍ରାମା ଲ ନିଯୁକ୍ତି ସ୍ଥିତିକୁ ଆହୁରି ଜଟିଳ କରିଦେଇଛି। ଆଇଏମ୍‌ଏର ସେକ୍ରେଟାରୀ ଜେନେରାଲ୍ ଡଃ ନରେନ୍ଦ୍ର ସାଇନି କହିଛନ୍ତି ଯେ ଇଣ୍ଡିଆନ୍ ମେଡିକାଲ୍ ଆସୋସିଏସନ୍ ଗ୍ରାମା ଲରେ ପୋଷ୍ଟିଂ ପାଇଁ ସହଯୋଗ କରୁଛି କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଏହାକୁ ବାଧ୍ୟତାମୂଳକ କରାଯିବା ସେତେ ଉପଯୋଗୀ ମନେ ହେଉ ନାହିଁ ତାହାର କାରଣ ଗ୍ରାମା ଲରେ କୌଣସି ଗଠନାତ୍ମକ ନିଯୁକ୍ତି ବ୍ୟବସ୍ଥା ରଖାଯାଇନାହିଁ। ପ୍ରତ୍ୟେକ ପିଜି ଛାତ୍ର ଛାତ୍ରୀମାନେ ତାଙ୍କର ପାଠ୍ୟକ୍ରମ / ଇ ର୍ଣସିପ୍‌ର ଅଂଶସ୍ୱରୂପ ଗ୍ରାମା ଲରେ ୬ ମାସ ପାଇଁ କାର୍ଯ୍ୟ କରିବେ। ସେ ଆଉ ମଧ୍ୟ କହିଛନ୍ତି ଯେ ପ୍ରତ୍ୟେକ ମେଡିକାଲ୍ ଅଫିସର ତାଙ୍କର ଚାକିରୀ କାଳ ମଧ୍ୟରେ ଅତିକମ୍‌ରେ ୪-୫ ପ୍ରମୋସନ ପାଇବା ଆବଶ୍ୟକ। ପ୍ରତ୍ୟେକ ପ୍ରମୋସନ କ୍ଷେତ୍ରରେ ଗୋଟିଏ ବର୍ଷ ଗ୍ରାମା ଲରେ ଅବସ୍ଥାପିତ ହେବା ବାଧ୍ୟତାମୂଳକ। ଏହାକୁ ବିଚାର କରି ବିଶ୍ୱ ସ୍ୱାସ୍ଥ୍ୟ ପରିସଂଖ୍ୟାନ ନିର୍ଦ୍ଧାରିତ କରିଛି ଯେ ପ୍ରତି ୧୦୦୦ ଜନସଂଖ୍ୟା ପାଇଁ ଭାରତରେ ୦.୯ ବେଡ୍ ରହିଛି ଯାହାକି ବିଶ୍ୱସ୍ତରୀୟ ହାର ୨.୯ ତୁଳନାରେ ବହୁତ କମ୍।

ଗମ୍ଭୀର ଭାବରେ ଏହି ବିଷୟକୁ ବିଚାର କଲେ ଜଣା ଯାଏ ଯେ ଭାରତର ରାଜ୍ୟ ଗୁଡ଼ିକରେ ପ୍ରଥମ ସନ୍ତାନ ଜନ୍ମ ଦେଉଥିବା ମାତୃ ମୃତ୍ୟୁ ହାର ଯଥେଷ୍ଟ ଅଧିକ, ତାହାର

କାରଣ କେବଳ ଅଭିଜ୍ଞ ଡାକ୍ତର ଅଭାବ ହେତୁ ଦେଖାଯାଉଛି। ଭାରତରେ ପ୍ରତିବର୍ଷ ୨୮ ନିୟୁତ ଶିଶୁ ଜନ୍ମ ନେଉଛନ୍ତି ଯାହାର ଅର୍ଥ ୨୮ ନିୟୁତ ମା'ମାନଙ୍କର ସ୍ୱାସ୍ଥ୍ୟ ଯତ୍ନର ଆବଶ୍ୟକ ରହିଛି। ଏଥି ପାଇଁ ଉପଯୁକ୍ତ ସଂଖ୍ୟକ ସ୍ତ୍ରୀ ରୋଗ ବିଶେଷଜ୍ଞଙ୍କ ଆବଶ୍ୟକତା ରହିଥିବା ବେଳେ ଆମର ବ ମାନ ମାତ୍ର ୪୦୦୦୦ ଡାକ୍ତର ରହିଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ଅଧିକାଂଶ ପ୍ରାୟଃ ସହରରେ ରହି କାର୍ଯ୍ୟ କରୁଛନ୍ତି। ଆମର ସରକାର ମାତୃ ମୃତ୍ୟୁହାରକୁ କମାଇବା ପାଇଁ ବର୍ଷକୁ ବର୍ଷ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଫଳ କିଛି ହେଉ ନାହିଁ। ଡଃ ନବନୀତ ମୋଟେର୍‌ଜା ସଂଯୋଜକ, ସେଭ୍ ଦି ଡକ୍ଟର ଅଭିଯାନ କହିଛନ୍ତି ଯେ ଯଦି ଏହି ଅବସ୍ଥାର ପରିବ ନ ନହୁଏ ଆମକୁ ଅନ୍ୟାନ୍ୟ ଦେଶମାନଙ୍କରୁ ସର୍ଜନମାନଙ୍କୁ ଆଣିବାକୁ ହେବ। ସଂପ୍ରତି ଲୋକମାନଙ୍କର ଚାପ ହେତୁ ବ୍ରାଜିଲ୍‌ର ପ୍ରଧାନମନ୍ତ୍ରୀ କ୍ୟୁବାରୁ ୬୦୦୦ ସ୍ପେଶିଆଲିଷ୍ଟ ଡାକ୍ତରଙ୍କୁ ଆଣିବାକୁ ସମ୍ମତି ପ୍ରକାଶ କରିଛନ୍ତି। ଏହି ଅଭିଯାନ ଦ୍ୱାରା ଭବିଷ୍ୟତରେ ରାଷ୍ଟ୍ରର ସୁରକ୍ଷା ପାଇଁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ ବୋଲି ଆଶା କରାଯାଉଛି। ଏ ବିଷୟରେ ଅଧିକ ଜାଣିବା ପାଇଁ ଜଣେ ସଭ ଲଗ୍ ଇନ୍ କରିପାରିବେ ଏବଂ ସେ ଏ ବିଷୟରେ ଯାହା ମତାମତ ଦେବାକୁ ଚାହୁଁଛନ୍ତି ତାହାକୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଅବଗତ କରାଇପାରିବେ। ଲୋକମାନଙ୍କର ଶକ୍ତି ବିନା ବିଶ୍ୱରେ କିଛି ନୂତନତା ଆସିବା ସମ୍ଭବ ନୁହେଁ। କେବଳ ଇଚ୍ଛା ଶକ୍ତି ବଳରେ ସବୁ କିଛି ସମ୍ଭବ ହୋଇପାରିବ।